# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15 November – 2025

*********************************

## ମୁଖ୍ୟ ସମ୍ବାଦ

- ଭଗବାନ ବିର୍ସାମୁଣ୍ଡାଙ୍କର ଦେଶ ମାତୃକାର ଅମୂଲ୍ୟ ଅବଦାନକୁ ସ୍ମରଣ କରି ଆଜି ପାଳନ କରାଯାଉଛି ତାଙ୍କର ୧୫୦ତମ ଜୟନ୍ତୀ
- ରାଜ୍ୟର ୬ଟି ସ୍ଥାନରେ ଇକୋରିଟ୍ରିଟ୍‌ର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା
- ପ୍ରକାଶ ପାଇଲା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଓ.ଟି.ଇ.ଟି ପରୀକ୍ଷାଫଳ

ଏବଂ

- ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇଁ ଆସନ୍ତାକାଲିଠାରୁ ପାଳନ କରାଯିବ ଶୂନ୍ୟ ମୃତାହତ ପକ୍ଷ

Desk

# ଜନଜାତୀୟ ଗୌରବ ଦିବସ

ଭଗବାନ ବିର୍ସାମୁଣ୍ଡାଙ୍କର ୧୫୦ତମ ଜୟନ୍ତୀକୁ ଆଜି ଦେଶ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରୁଛି । ଭଗବାନ ବିର୍ସାମୁଣ୍ଡା ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଏକ ଅସାଧାରଣ ଓ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ ।

ଭଗବାନ ବିର୍ସାମୁଣ୍ଡାଙ୍କ ଦେଶ ମାତୃକାର ଅମୂଲ୍ୟ ଅବଦାନକୁ ଚିରସ୍ମରଣୀୟ କରିବା ପାଇଁ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ଦେଦିୟାପଦା ଠାରେ ୭ ହଜାର ୭ଶହ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଜନଜାତୀୟ ବିକାଶ ଉପକ୍ରମର ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାମାଜିକ ଗଣମାଧମରେ ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ତାଙ୍କ ଭୂମିର ପ୍ରତିଭାବାନ ଏବଂ ପରିଶ୍ରମୀ ଲୋକମାନେ ରାଜ୍ୟ ଏବଂ ସମଗ୍ର ଦେଶର ଗୌରବ ବୃଦ୍ଧି କରିଛନ୍ତି । ପ୍ରାକୃତିକ ସମ୍ପଦରେ ସମୃଦ୍ଧ ଏହି ରାଜ୍ୟ ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଚାଲିଛି । ଏହି ଭୂମିର ସାହସୀ

ଯୋଦ୍ଧାମାନେ ଭାରତ ମାତାଙ୍କ ସେବାର ଅଭୂତ ଉଦାହରଣ ହୋଇପାରିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନଜାତୀୟ ଗୌରବ ଦିବସରେ ଶୁଭେଚ୍ଛା ଜଣାଇ କହିଛନ୍ତି, ବିଦେଶୀ ଶାସନ ବିରୁଦ୍ଧରେ ଭଗବାନ ବିର୍ସାମୁଣ୍ଡାଙ୍କ ସଂଘର୍ଷ ଓ ବଳିଦାନ ସମସ୍ତଙ୍କୁ ପ୍ରେରଣା ଦେଇଆସୁଛି। ଦେଶ ମାତୃକାର ମର୍ଯ୍ୟଦା ରକ୍ଷା କରିବାରେ ତାଙ୍କର ଅତୁଳନୀୟ ଭୂମିକା ସର୍ବଦା ସ୍ମରଣୀୟ ହୋଇ ରହିବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସାମୁଣ୍ଡାଙ୍କୁ ବିଧାନସଭା ପରିସରରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ଏହି ଅବସରରେ ଶ୍ରୀ ମାଝୀ କହିଛନ୍ତି, ଓଡ଼ିଶାର ଜନଜାତି ସମାଜର ବିକାଶ, ସ୍ୱାଭିମାନ ପାଇଁ ସରକାର ସର୍ବଦା ପ୍ରତିବଦ୍ଧ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତେ ମିଳିମିଶି କାର୍ଯ୍ୟ କରିବା। ଯେଉଁଠାରେ ପ୍ରତ୍ୟେକ ଜନଜାତି ଭାଇଭଉଣୀ, ସେମାନଙ୍କ ଅଧିକାର, ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବର ସହ ଜୀବନଯାପନ କରିପାରିବେ।

କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଦିବସରେ ଧର୍ତ୍ତି ଆବା ଭଗବାନ ବିର୍ସାମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ସେ ଜଣେ ମହାନ୍ ସ୍ୱାଧୀନତା

ସଂଗ୍ରାମୀ। ଆଦିବାସୀ ଜନଜାତିଙ୍କ  ଜଳ, ଜଙ୍ଗଲ ଓ ଭୂମିର ସୁରକ୍ଷା ପାଇଁ ସର୍ବଦା ପ୍ରେରଣାର ଉତ୍ସ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା’ ଭଗବାନ ବିର୍ସା ମୁଣ୍ଡାଙ୍କୁ  ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଛନ୍ତି, ମାଟି ମା’ ଏବଂ ଜନଜାତିଙ୍କ ଅଧିକାର ପାଇଁ ତାଙ୍କ ସଂଗ୍ରାମର କାହାଣୀ ଆଜି ମଧ୍ୟ ପ୍ରେରଣାଦାୟୀ।

ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜ୍ୟସ୍ତରୀୟ ସମାରୋହ ଆଜି ରାଉରକେଲାଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ।

Nabarangpur

## ଜିଲ୍ଲା– ଜନଜାତୀୟ ଗୌରବ କାର୍ଯ୍ୟକ୍ରମ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜନଜାତୀୟ ଗୌରବ ଦିବସ ପାଳିତ ହେଉଛି।

ନବରଙ୍ଗପୁର ଜିଲ୍ଲା ଡାବୁଗାଁଠାରେ ଏହି ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାଂସଦ ବଳଭଦ୍ର ମାଝୀ ଯୋଗଦେଇ ଧର୍ତ୍ତି ଆବା ଭଗବାନ ବିର୍ସାମୁଣ୍ଡାଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଭଗବାନ ବିର୍ସାମୁଣ୍ଡାଙ୍କ ଗୌରବମୟ ଗାଥା ଓ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉମରକୋଟ, ଝରିଗାଁ, ନବରଙ୍ଗପୁରର ତିନୋଟି ରାସ୍ତାକୁ

ଭଗବାନ ବିର୍ସାମୁଣ୍ଡା, ଜନଜାତି ସଂଗ୍ରାମୀ ରବି ସିଂହ ମାଝୀ ଓ ସହିଦ ଲକ୍ଷ୍ମଣ ନାୟକଙ୍କ ନାମରେ ନାମିତ କରାଯାଇଛି ।

Desk

## ଇକୋରିଟ୍ରିଟ୍

ରାଜ୍ୟର ୬ଟି ସ୍ଥାନରେ ଆଜିଠାରୁ ଇକୋରିଟ୍ରିଟ୍ ଆରମ୍ଭ ହୋଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସୀ ଜରିଆରେ ସାତକୋଶିଆ, ହୀରାକୁଦ, ଭିତରକନିକା, ସୋନପୁର, ପୁଟ୍‌ସିଲ୍, ଦାରିଙ୍ଗିବାଡ଼ିରେ ଏହାର ଉଦ୍‌ଘାଟନ କରିଛନ୍ତି । ଇକୋରିଟ୍ରିଟ୍ ଏକ ପ୍ରାକୃତିକ ଅବିସ୍ମରଣୀୟ ଅଭିଜ୍ଞତା ପ୍ରଦାନ କରିଥାଏ । ଶାନ୍ତ ପ୍ରାକୃତିକ ଦୃଶ୍ୟ ଏବଂ ପ୍ରାମାଣିକ ସ୍ଥାନୀୟ ଖାଦ୍ୟର ମଜା ନେବା ପାଇଁ ପର୍ଯ୍ୟଟକମାନଙ୍କୁ ଶ୍ରୀମତୀ ପରିଡ଼ା କହିଛନ୍ତି ।

HS

## ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଆସନ ଉପନିର୍ବାଚନରେ ବିଜୟଲାଭ କରିଥିବା ବିଜେପିର ପ୍ରାର୍ଥୀ ଜୟ ଢୋଲକିଆ ଆଜି ଭୁବନେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପହଁଞ୍ଚିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସ୍ୱାଗତ କରି କହିଛନ୍ତି, ଶ୍ରୀ ଢୋଲକିଆ ନୂଆପଡ଼ାର ବିକାଶରେ ସାରଥୀ ହେବେ । ଏହି ଅବସରରେ ଶ୍ରୀ ଢୋଲକିଆ’ ରାଜ୍ୟ ସଭାପତି ଓ କର୍ମକର୍ତ୍ତାମାନଙ୍କୁ ଏହି ବିଜୟ ପାଇଁ ଧନ୍ୟବାଦ ଜଣାଇଛନ୍ତି ।

Desk

## ଓଟିଇଟି ପରୀକ୍ଷା ଫଳ ପ୍ରକାଶିତ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା– ଓ.ଟି.ଇ.ଟି. -୨୦୨୫ ପରୀକ୍ଷା ଫଳ ପ୍ରକାଶ ପାଇଛି। ମୋଟ ୭୫ ହଜାର ୪୦୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୮ ହଜାର ୧୫୩ ଜଣ କୃତକାର୍ଯ୍ୟ ହୋଇଥିବା ସୂଚନା ମିଳିଛି। ପ୍ରଥମ ପେପର୍‌ରେ ୨୭ ହଜାର ୫୩୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨ ହଜାର ୯୮୮ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଦ୍ୱିତୀୟ ପେପର୍‌ରେ ୪୪ ହଜାର ୮୮୦ ଜଣଙ୍କ ମଧ୍ୟରୁ ୩୫ ହଜାର ୧୬୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟ୍ bseodisha.ac.in ରେ ପରୀକ୍ଷାଫଳ ଉପଲବ୍ଧ ହେଉଛି। ଯୋଗ୍ୟ ବିବେଚିତ ପ୍ରାର୍ଥୀମାନେ ଆଜିଠାରୁ ଆସନ୍ତା ବର୍ଷ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ଅନଲାଇନ୍‌ରେ ଦେୟ ଦାଖଲ କରି ଡିଜିଟାଲ ପ୍ରମାଣପତ୍ର ଡାଉନଲୋଡ୍ କରିପାରିବେ।

Desk

## ଶୂନ୍ୟ ମୃତାହତ ପକ୍ଷ ପାଳନ

ରାଜ୍ୟରେ ସଡ଼କ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇଁ ଆସନ୍ତାକାଲିଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ମୃତାହତ ପକ୍ଷ ପାଳନ କରାଯିବ। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପକ୍ଷ ପାଳନ ଅବସରରେ ସଡ଼କ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ ଶୂନ୍ୟସହନଶୀଳ ନୀତି ଅବଲମ୍ବନ କରାଯିବ। ଯାଞ୍ଚକୁ କଡ଼ାକଡ଼ି କରାଯିବା ପାଇଁ ପରିବହନ ବିଭାଗ ପକ୍ଷରୁ

ଜିଲ୍ଲା ପ୍ରଶାସନକୁ ମାର୍ଗଦର୍ଶିକା ଜାରି କରାଯାଇଛି। ଚିହ୍ନଟ ହୋଇଥିବା ଦୁର୍ଘଟଣା ପ୍ରବଣ ରାସ୍ତାଗୁଡ଼ିକ ଉପରେ ନଜର ରଖାଯିବା ସହ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି। ସଡ଼କ ସୁରକ୍ଷା ନିୟମଗୁଡ଼ିକ ସମ୍ପର୍କରେ ଜନସଚେତନତା ବୃଦ୍ଧି ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ 'ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ' ପରିପ୍ରେକ୍ଷୀରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

BHK/Ganjam

## ବନ୍ଦେ ମାତରମ ରାଷ୍ଟ୍ର ସଂଗୀତ

ରାଷ୍ଟ୍ର ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଗଞ୍ଜାମ ଜିଲ୍ଲାରେ ବ୍ରହ୍ମପୁର ଏନ୍.ସି.ସି. ଗ୍ରୁପ୍ ମୁଖ୍ୟାଳୟ ଏବଂ ପ୍ରଥମ ଓଡ଼ିଶା ନାଭାଲ ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରୁପ୍ କ୍ୟାପଟେନ୍ ଦେବାଶିଷ ମଙ୍ଗରାଜ ଓ ଦଶମ ଓଡ଼ିଶା ୟୁନିଟ୍ କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ନୀତିନ ସହାୟଙ୍କ ତତ୍ତ୍ୱାବଧାନରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

ଭଦ୍ରକ ଜିଲ୍ଲା ବନ୍ତ ବିଜେପି ପକ୍ଷରୁ 'ବନ୍ଦେ ମାତରମ୍'ର ୧୫୦ତମ ପୂର୍ତ୍ତି ଓ ଆମ୍ଭ ଭାରତ ସଂକଳ୍ପ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

Raygada/Puri

## ଏକତା ପଦଯାତ୍ରା

ପୁରୀ ଜିଲ୍ଲା ବ୍ରହ୍ମଗିରିଠାରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗଡ଼ରୋଡ଼ଙ୍ଗଠାରୁ ଆରମ୍ଭ ହୋଇ ଏହି ପଦଯାତ୍ରା କେରାଣ୍ଡିଆ ଛକରେ ପହଁଞ୍ଚିଥିଲା। ସାଂସଦ ସମ୍ବିତ ପାତ୍ର, ବିଧାୟିକା ଉପାସନା ମହାପାତ୍ର, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ।

ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁଣୁପୁରଠାରେ ଆୟୋଜିତ ଏକତା ପଦଯାତ୍ରାକୁ କ୍ରୀଡ଼ା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜନସାଧାରଣ ସାମିଲ ହୋଇଥିଲେ।

Ganjam

## ଗବେଷଣା ପଦ୍ଧତି ପାଠ୍ୟକ୍ରମ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନାରୀ ଗବେଷଣା କେନ୍ଦ୍ର ଓ ନୂଆଦିଲ୍ଲୀସ୍ଥିତ ସେଣ୍ଟର ଫର୍ ୱିମେନ୍ ଡେଭଲପ୍‌ମେଣ୍ଟ ଷ୍ଟଡିଜ୍ ମିଳିତ ଆନୁକୂଲ୍ୟରେ ଗ୍ରାମୀଣ ଅଧ୍ୟୟନରେ ଗବେଷଣା ପଦ୍ଧତି ନାମରେ ଓ ପ୍ରାନ୍ତିକୃତ ଦୃଷ୍ଟିଭଙ୍ଗୀ ବିଷୟବସ୍ତୁକୁ ନେଇ ଦଶଦିନିଆ ଗବେଷଣା ପଦ୍ଧତି ପାଠ୍ୟକ୍ରମ ଉଦଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି

ଦାସ ମୁଖ୍ୟ ଅତିଥିଭାବେ କାର୍ଯ୍ୟକ୍ରମରେ ଯୋଗଦେଇ ସମାଜ ଉପରେ ଗବେଷଣାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

Ganjam

## ସଚେତନତା କର୍ମଶାଳା

ଗଞ୍ଜାମ ଜିଲ୍ଲା ଗୋଳନ୍ତରାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର-୨ ଠାରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ କେନ୍ଦ୍ର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡକ୍ଟର ସୁଜିତ କୁମାର ନାଥ ଯୋଗଦେଇ ମାଛଚାଷରେ ରୋଗ ଓ ଏହାର ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ।

Dhenkanal

## ପ୍ରାଣୀ ସମ୍ପଦ ମେଳା

ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଏହି ବିଭାଗ ସହ ଜଡ଼ିତ ଚାଷୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। କାମଧେନୁ ଯୋଜନାରେ ଚାଷୀମାନଙ୍କୁ ୧ ଲକ୍ଷ ୬୮ ହଜାର ଟଙ୍କା ରିହାତି ପ୍ରଦାନ କରାଯାଉଛି। ବିଭାଗୀୟ ଅଧିକାରୀମାନଙ୍କୁ ଯୋଜନାର ଲାଭ ସମ୍ପର୍କରେ ତୃଣମୂଳସ୍ତରରେ ସଚେତନତା କରାଇବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଥିଲେ।

Nuapada

## ବିଜ୍ଞାନ ମେଳା

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପବ୍ଲିକ ସ୍କୁଲ ପରିସରରେ ବାର୍ଷିକ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଯାଇଛି । ମେଳାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଜ୍ଞାନ, ଗଣିତ ଏବଂ ସାମାଜିକ ବିଜ୍ଞାନର ୧୨୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।

Gajapati

## ତମାଖୁ ମୁକ୍ତ କାର୍ଯ୍ୟକ୍ରମ

ଗଜପତି ଜିଲ୍ଲା ଗୋଶାଣୀ ବ୍ଲକ ଅନ୍ତର୍ଗତ ବୋମିକା ଗ୍ରାମରେ ତମାଖୁ ମୁକ୍ତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଏକ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରୁ ବାହାରି ତମାଖୁ ବର୍ଜନ ସମ୍ପର୍କରେ ବିଭିନ୍ନ ବର୍ଗର ଲୋକଙ୍କୁ ସଚେତନ କରାଇଥିଲା । କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଯୋଗଦେଇ ତମାଖୁ ସେବନର ବିଭିନ୍ନ କ୍ଷତିକାରକ ଦିଗ ଉପରେ ଆଲୋଚନା କରିଥିଲେ ।

MET

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତର ପ୍ରଭାବ ଜାରି ରହିଛି । ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଶୀତ ଲହରି ଅନୁଭୂତ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ କନ୍ଧମାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସୁନ୍ଦରଗଡ଼ ଜିଲ୍ଲାର

ରାଉରକେଲା ଓ କୋରାପୁଟଠାରେ ଆଜି ସକାଳେ ଘନକୁହୁଡ଼ି ଅନୁଭୂତ ହୋଇଥିଲା। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ ଭୁବନେଶ୍ୱର ଓ ଝାରସୁଗୁଡ଼ାରେ ତାପମାତ୍ରା ସ୍ୱାଭାବିକଠାରୁ କମ୍ ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।